NATIONAL NEWS BULLETIN (ODIA)

5 November- 2026

Morning Bulletin : 7.15 a.m.

****

ମୁଖ୍ୟ ସମ୍ବାଦ

- ଦେଶର ଖଣିଜପଦାର୍ଥ କ୍ଷେତ୍ରରେ ଆବଶ୍ୟକ କ୍ଷମତା ସୃଷ୍ଟି କରିବା ନେଇ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ବ୍ୟୟ କରିବେ ୨ ହଜାର କୋଟିରୁ ଅଧିକ ଟଙ୍କା ।
- ଭାରତ-ନେପାଳ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ଆଲୋଚନା ନେଇ ନେପାଳ ପ୍ରଧାନମନ୍ତ୍ରୀଙ୍କୁ ଆଜି ଭେଟିବେ ବୈଦେଶିକ ସଚିବ ବିକ୍ରମ ମିସ୍ରୀ ।
- ନିମ୍ନମାନର ଔଷଧ ଉତ୍ପାଦନ ରୋକିବା ନେଇ ଔଷଧ ନିୟମ ୧୯୪୫ରେ ସଂଶୋଧନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବ ।
- ୟୁକ୍ରେନ୍-ଆମେରିକା-ରୁଷ ଆସନ୍ତା ଏକ ସପ୍ତାହ ମଧ୍ୟରେ କଥାବାର୍ତ୍ତା ପାଇଁ ପ୍ରସ୍ତୁତି ନେଇ ସୂଚନା ।

ଏବଂ

- ଏସୀୟ ହକି ଚାମ୍ପିୟନ୍ସିପ୍ ଟ୍ରଫିରେ ଆଜି ଅନୁଷ୍ଠିତ ହେବ ଭାରତ-ଜାପାନ ମଧ୍ୟରେ ମ୍ୟାଚ୍ ।

ପିଏମ୍-କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦେବା ଲାଗି ପୁଞ୍ଜି ବ୍ୟୟ ସହାୟତା ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନାରେ ପାଞ୍ଚ ବର୍ଷ ମଧ୍ୟରେ ଦୁଇ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରାଯିବ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଲିଥିୟମ୍, ନିକେଲ୍ ଓ କୋବାଲ୍ଟ ଭଳି ଖଣିଜ ପଦାର୍ଥ ବୈଦ୍ୟୁତିକ ଯାନ, ବ୍ୟାଟେରୀ, ଇଲେକ୍ଟ୍ରୋନିକ୍ସ ଓ ପ୍ରତିରକ୍ଷା କ୍ଷେତ୍ର ପାଇଁ ଅତ୍ୟନ୍ତ ଜରୁରୀ। ଏହି ବିଶୋଧିତ ଖଣିଜ ପଦାର୍ଥ ପାଇଁ ଭାରତ ଏବେ ମଧ୍ୟ ବହୁଳ ଭାବେ ଆମଦାନୀ ଉପରେ ନିର୍ଭରଶୀଳ। ଏହି ନିର୍ଭରଶୀଳତା ହ୍ରାସ କରିବା ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଦେଶରେ ଆବଶ୍ୟକ କ୍ଷମତା ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ଶ୍ରୀ ମୋଦୀ କହିଛନ୍ତି।

ସେହିପରି ଦେଶର ପରିସଂଖ୍ୟାନ ବ୍ୟବସ୍ଥାରେ ରୂପାନ୍ତର ଆଣିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା 'ବିକଶିତ ଭାରତ ଇନିସିଏଟିଭ୍ ଫର୍ ଷ୍ଟାଟିଷ୍ଟିକାଲ୍ ଟ୍ରାନ୍ସଫର୍ମେସନ୍, ଆନାଲିଟିକ୍ସ ଆଣ୍ଡ ରିସର୍ଚ୍ଚ' ଯୋଜନାକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି ।

ପ୍ରଧାନମନ୍ତ୍ରୀ ଅନ୍ୟ ଏକ ପୋଷ୍ଟରେ କହିଛନ୍ତି, ଏହି ଯୋଜନାରେ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର, ସୂକ୍ଷ୍ମସ୍ତରରେ ତଥ୍ୟ ସଂଗ୍ରହ ଓ

ବିଶ୍ଳେଷଣ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହ ଏକ ଆଧୁନିକ ଓ ସମନ୍ୱିତ ପରିସଂଖ୍ୟାନ ବ୍ୟବସ୍ଥା ଗଠନ କରାଯିବ।

କାଠମାଣ୍ଡୁ ମିସ୍ରୀ-ଭିଜିଟ୍

ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିସ୍ରୀ ନେପାଳର ଦୁଇଦିନିଆ ସରକାରୀ ଗସ୍ତ ଅବସରରେ କାଠମାଣ୍ଡୁଠାରେ ନେପାଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଛନ୍ତି।

ସେ ନେପାଳର ବୈଦେଶିକ ସଚିବ ଅମୃତ ବାହାଦୁର ରାୟଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରି ବାଣିଜ୍ୟ, ଯୋଗାଯୋଗ, ଶକ୍ତି, ବିକାଶ ସହଯୋଗ ଏବଂ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀଙ୍କ ଆଗାମୀ ଭାରତ ଗସ୍ତର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି।

ଶ୍ରୀ ମିସ୍ରୀ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ, ଅର୍ଥମନ୍ତ୍ରୀ ସ୍ୱର୍ଣ୍ଣିମ ୱାଗ୍ଲେ, ଶକ୍ତି ମନ୍ତ୍ରୀ ବିରାଜ ଭକ୍ତ ଶ୍ରେଷ୍ଠ ଏବଂ ଭିତ୍ତିଭୂମି ବିକାଶ ମନ୍ତ୍ରୀ ସୁନୀଲ ଲାମସାଲଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ୍ ଆଲୋଚନାରେ ଅର୍ଥନୈତିକ ସହଭାଗିତା, ଭିତ୍ତିଭୂମି ବିକାଶ, ଯୋଗାଯୋଗ ଏବଂ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି।

ଗସ୍ତର ଦ୍ୱିତୀୟ ଦିନରେ ଆଜି ଭାରତୀୟ ବୈଦେଶିକ ସଚିବ ନେପାଳର ପ୍ରଧାନମନ୍ତ୍ରୀ ବଲେନ୍ଦ୍ର ଶାହଙ୍କୁ ସାକ୍ଷାତ କରିବେ ।

ଏମ୍ଇଏ ସେକ୍ରେଟେରୀ

ବିଦେଶରେ ଆତ୍ମଗୋପନ କରିଥିବା ପଳାତକ ଅପରାଧୀଙ୍କୁ ଭାରତକୁ ଫେରାଇ ଆଣିବା ଏବଂ ଆଇନଗତ ସହଯୋଗକୁ ସୁଦୃଢ଼ କରିବା ନେଇ ବୈଦେଶିକ ମନ୍ତ୍ରଣାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ।

ମନ୍ତ୍ରଣାଳୟର ସଚିବ ରଙ୍ଗନାଥନ୍ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଦେଶରେ ଥିବା ଭାରତୀୟ ଦୂତାବାସ ସମେତ ବିଭିନ୍ନ ସଂପୃକ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଆତଙ୍କବାଦ, ନିଶାଦ୍ରବ୍ୟ ଚୋରା କାରବାର, ସଂଗଠିତ ଅପରାଧ ଏବଂ ଆର୍ଥିକ ଅପରାଧରେ ସଂପୃକ୍ତ ପଳାତକ ଅପରାଧୀଙ୍କ ସଫଳ ପ୍ରତ୍ୟର୍ପଣ ସଂପର୍କରେ ସଚିବ ସନ୍ତୋଷ ପ୍ରକାଶ କରିଥିଲେ । ଏଭଳି ଉଦ୍ୟମକୁ ସଫଳ କରିବା ପାଇଁ ସମସ୍ତ ସରକାରୀ ବିଭାଗର ସମନ୍ୱିତ ଉଦ୍ୟମ ଏବଂ ବିଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ଗୃହ ମନ୍ତ୍ରଣାଳୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଜାତୀୟ ତଦନ୍ତ ସଂସ୍ଥା ଏବଂ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋର ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ । ପଳାତକ ଅପରାଧୀଙ୍କୁ ଭାରତକୁ ଫେରାଇ ଆଣିବା

ଏବଂ ବିଭିନ୍ନ ସହଯୋଗୀ ଦେଶ ସହ ଆଇନ ପ୍ରବର୍ତ୍ତନ କ୍ଷେତ୍ରରେ ସହଯୋଗକୁ ଆହୁରି ମଜଭୁତ କରିବା ପାଇଁ ବିଭିନ୍ନ ରଣନୀତି ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା ।

ଡ୍ରଗ୍ସ-ଆମେଣ୍ଡମେଣ୍ଟ

ନିମ୍ନମାନର ଔଷଧ ଉତ୍ପାଦନ ରୋକିବା ଏବଂ ରୋଗୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଔଷଧ ନିୟମ, ୧୯୪୫ରେ ସଂଶୋଧନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି । ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ଗୁଣବତ୍ତା ମାନଦଣ୍ଡରେ ଅଯୋଗ୍ୟ ବା ନିମ୍ନମାନର ଘୋଷିତ ଔଷଧ ଉତ୍ପାଦନ କରୁଥିବା କମ୍ପାନୀର ଉତ୍ପାଦନ ଲାଇସେନ୍ସ ତୁରନ୍ତ ସ୍ଥଗିତ ରଖାଯାଇପାରିବ ।

ମନ୍ତ୍ରଣାଳୟ କହିଛି, ବର୍ତ୍ତମାନର ନିୟମ ଅନୁଯାୟୀ, ଉତ୍ପାଦନ ଲାଇସେନ୍ସ ସ୍ଥଗିତ ବା ବାତିଲ କରିବା ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ସମେତ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଏ । ପ୍ରସ୍ତାବିତ ସଂଶୋଧନ ଦ୍ୱାରା ନିମ୍ନମାନର ଔଷଧ ଚିହ୍ନଟ ହେବା ମାତ୍ରେ ତ୍ୱରିତ ପଦକ୍ଷେପ ନିଆଯାଇପାରିବ । ଏଥିସହ ଲାଇସେନ୍ସ ଉପରୁ ନିଲମ୍ବନ ହଟାଇବା ପୂର୍ବରୁ ଔଷଧ ନିର୍ମାତାଙ୍କୁ ତ୍ରୁଟିର ମୂଳ କାରଣ ବିଶ୍ଳେଷଣ କରିବା ସହ ଉପଯୁକ୍ତ ସଂଶୋଧନମୂଳକ ଓ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ

ପଡ଼ିବ। ସମ୍ପୃକ୍ତ ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ସନ୍ତୁଷ୍ଟ ହେବା ପରେ ହିଁ ନିଲମ୍ବନ ଉଠାଯାଇପାରିବ।

ଏହି ଚିଠା ସଂଶୋଧନ ଉପରେ ଜନସାଧାରଣ ଓ ସମ୍ପୃକ୍ତ ପକ୍ଷମାନଙ୍କଠାରୁ ୩୦ ଦିନ ମଧ୍ୟରେ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯାଇଛି। ଆପତ୍ତି ଓ ପରାମର୍ଶ ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ **drugsdiv-mohfw@gov.in** ଇ-ମେଲ୍ ଠିକଣାରେ ପଠାଯାଇପାରିବ।

ଗୋଆ-ଆଇଏଫ୍ଏଫ୍ଆଇ

ଗୋଆରେ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାଓ୍ୱନ୍ତ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ – ଆଇଏଫ୍ଏଫ୍ଆଇ ୨୦୨୬ର ଆୟୋଜନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏ ନେଇ ସେ ପାଣାଜୀଠାରେ ଏଣ୍ଟରଟେନମେଣ୍ଟ ସୋସାଇଟି ଅଫ୍ ଗୋଆର ଅଧିକାରୀମାନଙ୍କ ସହ ଏକ ବୈଠକ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଗୋଆ ଚଳଚ୍ଚିତ୍ର ଆର୍ଥିକ ସହାୟତା ଯୋଜନା ଅଧୀନରେ ଅନୁମୋଦିତ ଅର୍ଥ ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି ଶ୍ରୀ ସାଓ୍ୱନ୍ତ ସୂଚନା ଦେଇଛନ୍ତି। ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ବିଭିନ୍ନ ପକ୍ଷଙ୍କ

ପରାମର୍ଶକୁ ବିଚାରକୁ ନେଇ ଏହି ଯୋଜନାର ପୁନର୍ଗଠନ କରାଯିବ ବୋଲି ମଧ୍ୟ ସେ କହିଛନ୍ତି।

ଏହି ଅବସରରେ ଗୋଆର ଚଳଚ୍ଚିତ୍ର ନିର୍ମାତା ଆଦିତ୍ୟ ସୁହାସ ଜାମ୍ଭଲେଙ୍କୁ ଆଇଏଫ୍ଏଫ୍ଆଇ ସମୟରେ ସମ୍ବର୍ଦ୍ଧିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି। ଆଇଏଫ୍ଏଫ୍ଆଇ ୨୦୨୬ର ପ୍ରାକ୍ ଉଦ୍ଘାଟନୀ କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧୨ ତାରିଖରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ।

ବାହାମାସ୍ ଆଇଏସ୍ଏ

ବାହାମାସ୍’ ଅନ୍ତର୍ଜାତୀୟ ସୌର ମେଣ୍ଟରେ ୧୧୬ତମ ସଦସ୍ୟ ରାଷ୍ଟ୍ର ଭାବେ ଯୋଗ ଦେଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆଇ.ଏସ୍.ଏ.ର ନବମ ଅଧିବେଶନ ଅବସରରେ ବାହାମାସ୍ର ହାଇକମିଶନର ପିଟର ନିକୋଲାସ୍ ସାଇମୋନେଟ୍ ଜୁନିୟର୍, ଏହି ମେଣ୍ଟର ଢାଞ୍ଚାଗତ ଚୁକ୍ତିନାମାରେ ଯୋଗଦାନ ସମ୍ପର୍କିତ ଆନୁଷ୍ଠାନିକ ଦଲିଲ ଆଇ.ଏସ୍.ଏ.ର ଜମାକାରୀ ତଥା ଅର୍ଥନୈତିକ କୂଟନୀତି ବିଭାଗର ଯୁଗ୍ମ ସଚିବଙ୍କୁ ହସ୍ତାନ୍ତର କରିଛନ୍ତି।

ସୌର ଶକ୍ତିର ବ୍ୟବହାର ଓ ପ୍ରସାର ଦିଗରେ ଅନ୍ତର୍ଜାତୀୟ ସହଯୋଗକୁ ଏହା ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ୟୁକ୍ରେନ୍-ଟ୍ରାଇଲେଟରାଲ୍ ଟକସ୍

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍‌ସ୍କି ୟୁକ୍ରେନ୍, ଆମେରିକା ଏବଂ ରୁଷ ଏକ ସପ୍ତାହ ମଧ୍ୟରେ ତ୍ରିସ୍ତରୀୟ କଥାବାର୍ତ୍ତା ଲାଗି ପ୍ରସ୍ତୁତ ହେଉଥିବା କହିଛନ୍ତି । ସେ କହିଛନ୍ତି, ପରାମର୍ଶଦାତା ଏବଂ ଦଳୀୟ ସ୍ତରୀୟ କୂଟନୀତିଜ୍ଞମାନେ ଚଳିତ ମାସ ୧୦ ଏବଂ ୧୧ ତାରିଖରେ ୟୁ.ଏ.ଇ.ର ଆବୁଧାବିରେ ଆଲୋଚନା ଲାଗି ପ୍ରସ୍ତୁତ ହେଉଛନ୍ତି । ସେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜାରେଡ୍ କୁଶନର୍‌ଙ୍କ ସହ ଏ ସମ୍ପର୍କରେ ବାର୍ତ୍ତାଳାପ କରିଛନ୍ତି ।

ଶାହା-ଏବିଭିପି

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହ ଲଦାଖ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଉଲ୍ଲେଖନୀୟ ବିଜୟ ପାଇଁ ସଂଗଠନର କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଶ୍ରୀ ଶାହ କହିଛନ୍ତି, ଏହି ବିପୁଳ ବିଜୟ ବିଭାଜନକାରୀ ଓ

ବିଶୃଙ୍ଖଳାକାରୀ ଶକ୍ତିମାନଙ୍କୁ ଏକ ନିର୍ଣ୍ଣାୟକ ଜବାବ ଦେଇଛି। ଏହା ସହିତ ଦେଶର ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ରାଷ୍ଟ୍ରବାଦ ହୋଇ ରହିଥିବା ପୁନର୍ବାର ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି। ରାଷ୍ଟ୍ରବାଦ ପ୍ରତି ଅତୁଟ ସମର୍ଥନ ଜଣାଇଥିବା ଯୁବ ଭାରତୀୟମାନଙ୍କୁ ମଧ୍ୟ ଶ୍ରୀ ଶାହ କୃତଜ୍ଞତା ଜଣାଇଛନ୍ତି।

ହକି

ଏସୀୟ ହକି ଚାମ୍ପିୟନ୍ସ ସିପ୍ ଟ୍ରଫି ଅନ୍ତର୍ଗତ ଆଜିର ମ୍ୟାଚ୍‌ରେ ଭାରତ ଏବଂ ଜାପାନ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ବଲ୍‌ବୀର ସିଂହ ସିନିୟର୍ ଇଣ୍ଟରନ୍ୟାସନାଲ୍ ହକି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ସେମିଫାଇନାଲ୍‌ରେ ଭାରତ ୮-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲ୍‌ରେ ସ୍ଥାନ ନିଶ୍ଚିତ କରିସାରିଛି । ଜାପାନ୍ ମଧ୍ୟ ମାଲେସିଆକୁ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଅନ୍ୟ ଏକ ମ୍ୟାଚ୍‌ରେ କାଂସ୍ୟପଦକ ଲାଗି ମାଲେସିଆ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଖେଲୋ ଭାରତ କୁଇଜ୍

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମାଇ ଭାରତ ପୋର୍ଟାଲରେ ‘ଖେଲୋ ଭାରତ: ଫ୍ରମ୍ ମାନୁଫାକ୍‌ଚରିଂ ଟୁ ପୋଡିୟମ୍ ଫିନିଶ୍

କୁଇଜ୍’ ଆରମ୍ଭ କରାଯାଇଛି। ଦେଶର କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ସରକାରଙ୍କ ପ୍ରୟାସ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି କୁଇଜ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ଦେଶରେ କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ଓ ନବସୃଜନକୁ ପ୍ରୋତ୍ସାହିତ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ୨୦ତମ ଏସୀୟ କ୍ରୀଡ଼ା ଓ ପଞ୍ଚମ ଏସୀୟ ପାରା କ୍ରୀଡ଼ା-୨୦୨୬ରେ ଭାରତର ଅଂଶଗ୍ରହଣ ଏବଂ ସଫଳତାକୁ ମଧ୍ୟ ଏହି ପଦକ୍ଷେପରେ ପ୍ରମୁଖତା ଦିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି।

ଏହି କୁଇଜ୍‌ରେ ଦେଶର ସମସ୍ତ ନାଗରିକ, ଛାତ୍ରଛାତ୍ରୀ, ଯୁବବର୍ଗ, ବୃତ୍ତିଜୀବୀ ଏବଂ କ୍ରୀଡ଼ାପ୍ରେମୀ ଅଂଶଗ୍ରହଣ କରିପାରିବେ। ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି କୁଇଜ୍‌ରେ ଭାଗ ନେବାର ସୁଯୋଗ ରହିଛି। କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ଓ ନବସୃଜନଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ଭାରତର ଉତ୍କର୍ଷ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ଦେଶର ବିକାଶଶୀଳ କ୍ରୀଡ଼ା ପରିବେଶ ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା ଏହି ପଦକ୍ଷେପର ଲକ୍ଷ୍ୟ ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି।

ବ୍ୟାଡ୍‌ମିଣ୍ଟନ

ବ୍ୟାଡମିଣ୍ଟନ୍‌ରେ କୋରିଆ ଓପନ୍ ସୁପର୍ ୫୦୦ ପ୍ରତିଯୋଗିତାର ମହିଳା ଏକକ ବର୍ଗରେ ଭାରତର ଅନମୋଲ ଖର୍ବ ଓ ତନ୍‌ଭୀ ଶର୍ମା ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପ୍ରଥମ ରାଉଣ୍ଡରେ ଅନମୋଲ ଖର୍ବ କାନାଡାର ରାଚେଲ୍ ଚାନ୍‌ଙ୍କୁ ୨୧-୧୯, ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ସେ ଜାପାନର ଦ୍ୱିତୀୟ ସିଡ୍ ଖେଳାଳି ଆକାନେ ୟାମାଗୁଚିଙ୍କୁ ଭେଟିବେ। ସେହିପରି, ତନ୍‌ଭୀ ଶର୍ମା ଜାପାନର ମାନାମି ସୁଇଜୁଙ୍କୁ ୨୧-୧୬, ୧୨-୨୧, ୨୧-୧୭ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ଜାପାନର ହିନା ଆକେଚିଙ୍କ ସହ ମୁକାବିଲା କରିବେ।

ଅନ୍ୟପକ୍ଷରେ, ପୁରୁଷ ଏକକ ବର୍ଗରେ ଭାରତର ଏଚ୍.ଏସ୍. ପ୍ରଣୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ସେ ଦକ୍ଷିଣ କୋରିଆର ୟୁ ତେ ବିନ୍‌ଙ୍କଠାରୁ ୧୫-୨୧, ୨୧-୨୩ ସେଟ୍‌ରେ ହାରିଯାଇଛନ୍ତି। ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ଧ୍ରୁବ ଓ ମନୀଷାଙ୍କ ଯୋଡ଼ି ମଧ୍ୟ ଚୀନ୍‌ର ସପ୍ତମ ସିଡ୍ ଯୋଡ଼ି ଝୁ ୟିଜୁନ୍ ଓ ଲି କିଆନ୍‌ଙ୍କଠାରୁ ୨୦-୨୨, ୨୧-୧୨, ୨୪-୨୨ ଗେମ୍‌ରେ ପରାସ୍ତ ହୋଇଛନ୍ତି।